# NATIONAL NEWS BULLETIN (ODIA)

## 17 June - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବାରଣାସୀରେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ପ୍ରଦାନ କରିବେ ୧୭ତମ କିସ୍ତି ।

- ପଶ୍ଚିମବଙ୍ଗ ରେଳଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ।

– ମୃତକଙ୍କ ପରିଜନଙ୍କୁ ୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ଅଢ଼େଇ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ଘୋଷଣା କଲେ ରେଳମନ୍ତ୍ରୀ ।

- ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ ଆଜି ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏବଂ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭାଲଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି ।

- ଉତ୍ତର-କାଶ୍ମୀରର ଆରାଗାମ୍ ଗ୍ରାମରେ ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଜଣେ ସନ୍ତ୍ରାସବାଦୀର ମୃତ୍ୟୁ ।

ଏବଂ

- ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ପ୍ରସାରିତ ହେବ ଆଜି ରାତି ସାଢ଼େ ୯ଟାରେ।

## ପିଏମ୍-କିଶାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରପ୍ରଦେଶର ବାରଣାସୀରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନା ଅଧୀନରେ ହିତାଧିକାରୀଙ୍କୁ ୧୭ତମ କିସ୍ତି ପ୍ରଦାନ କରିବେ । ଏହି ଅବସରରେ ୯ କୋଟି ୨୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୨୦ ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ପ୍ରକ୍ରିୟାରେ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ କୃଷି ସଖୀ ଭାବେ ସାର୍ଟିଫିକେଟ୍ ପ୍ରଦାନ କରିବେ । ଏହି କୃଷି ସଖୀମାନେ ପାରା ଏକ୍ସଟେନସନ୍ କର୍ମୀଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। କୃଷକମାନଙ୍କୁ ଚାଷ କାର୍ଯ୍ୟରେ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୯ ମସିହା ଫେବୃଆରୀ ୨୪ ତାରିଖରେ ପିଏମ୍ କିଶାନ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ୪ ମାସରେ ଥରେ ୨ ହଜାର ଟଙ୍କା ଲେଖାଏଁ ବର୍ଷକୁ ମୋଟ୍ ୬ ହଜାର ଟଙ୍କା ପ୍ରତ୍ୟେକ

ହିତାଧିକାରୀଙ୍କୁ  ଡିବିଟି ମାଧ୍ୟମରେ ପ୍ରଦାନ କରାଯାଏ। ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ ଯୋଗ୍ୟ କୃଷକ ପରିବାର ଏହି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି ।

ଏହି ଅବସରରେ ଆସନ୍ତାକାଲି ଓଡ଼ିଶାର ବିଭିନ୍ନ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକରେ ପିଏମ୍-କିଶାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ ଆୟୋଜନ ହେବ। ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବରଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲ୍ଲାରେ  ଏବଂ କଟକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେବାକୁ ଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ମନ୍ତ୍ରି ପରିଷଦର ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ପ୍ରଧାନମନ୍ତ୍ରୀ ୧୯ ତାରିଖ ସକାଳେ ବିହାର ଗସ୍ତ କରି ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ । ବିହାରର ରାଜଗିରି ଠାରେ ନାଳନ୍ଦା ବିଶ୍ୱବିଦ୍ୟାଳୟର କ୍ୟାମ୍ପସକୁ ଉଦ୍‌ଘାଟନ କରିବା ସହ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହି ଉଦ୍‌ଘାଟନୀ ସମାରୋହରେ ୧୭ଟି ଦେଶର ହେଡ୍ ଅଫ୍ ମିଶନ୍‌ସ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଟ୍ରେନ୍ ଆକ୍ସିଡେଣ୍ଟ

ପଶ୍ଚିମବଙ୍ଗର ରଙ୍ଗପାନୀ ରେଳ ଜଙ୍କସନ୍ ନିକଟରେ ହୋଇଥିବା ରେଳ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଛି। ଆଜି ସକାଳେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଓ ମାଲବାହୀ ଗାଡ଼ି ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ରେଳବାଇ ପକ୍ଷରୁ କୁହାଯାଇଛି। ଏହି ଦୁର୍ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମୃତକଙ୍କ ପରିବାରବର୍ଗ ଏବଂ ଆହତଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ମୃତକଙ୍କ ପରିଜନକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରାଯାଇଛି। ସେହିଭଳି ଗୁରୁତର ଆହତଙ୍କୁ ଅଢ଼େଇ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଚିକିତ୍ସା ପାଇଁ ଯୋଗାଇ ଦିଆଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି।

ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲବାହୀ ଗାଡ଼ିଟି ସିଗ୍ନାଲ ଅମାନ୍ୟ କରି କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ ଏବଂ ୧୫ଟି ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ମୃତାହତଙ୍କ ସଂପର୍କରେ ଜାଣିବା ପାଇଁ

ରେଳବାଇ ପକ୍ଷରୁ ୨ଟି ଟେଲିଫୋନ୍ ନମ୍ବର ଜାରି କରାଯାଇଛି । ଏହି ନମ୍ବର ଦୁଇଟି ହେଉଛି-୦୩୩୨୩୫୦୮୭୯୪ ଏବଂ ୦୩୩୨୩୮୩୩୨୬ ।

ଅନ୍ୟପକ୍ଷରେ ରେଳବାଇ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଚେୟାରମ୍ୟାନ୍ ଜୟା ବର୍ମା କହିଛନ୍ତି ଦୁର୍ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ସିଗ୍ନାଲ୍ ଅମାନ୍ୟ କରିଥିବା ଲୋକୋ ପାଇଲଟ୍‌ଙ୍କର ମଧ୍ୟ ଏହି ଦୁର୍ଘଟଣାରେ ମୃତ୍ୟୁ ହୋଇଛି । କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌ର ଗାର୍ଡର ମଧ ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣା ଯୋଗୁଁ ସମ୍ପୃକ୍ତ ସେକସନ୍ ଦେଇ ଯାତାୟତ କରିବାକୁ ଥିବା ୯ଟି ଟ୍ରେନ୍‌ର ଗତିପଥକୁ ବଦଳାଯାଇଛି। ଏଥିସହିତ ୨ଟି ଟ୍ରେନ୍‌କୁ ବାତିଲ କରାଯାଇଛି ବୋଲି କାଟିହାର ଡି.ଆର୍.ଏମ୍ ସୁରେନ୍ଦ୍ର କୁମାର କହିଛନ୍ତି।

## ପିଏମ୍-ଆଫ୍ରିକା ପ୍ରେସିଡେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ଆଫ୍ରିକାର ପୁନଃନିର୍ବାଚିତ ହୋଇଥିବା ରାଷ୍ଟ୍ରପତି ସାଇରିଲ୍ ରାମାଫୋସାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ-ଦକ୍ଷିଣ ଆଫ୍ରିକା ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଶ୍ରୀ ରାମାଫୋସାଙ୍କ ସହିତ ମିଳିତ ଭାବେ ପ୍ରୟାସ କରିବାକୁ ସେ

ଆଶାବାଦୀ ବୋଲି  ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି।

## ଇଣ୍ଡିଆ-ୟୁଏସ୍ ଆଇସିଇଟି

ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ ଆଜି ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏବଂ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭାଲଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ଶ୍ରୀ ସୁଲିଭାନ୍‌ଙ୍କ ସହିତ ବୈଠକ ପରେ ଡକ୍ଟର ଜୟଶଙ୍କର କହିଛନ୍ତି,  ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ଦ୍ୱିପକ୍ଷୀୟ, ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଭାରତ’ ଆମେରିକା ରଣନୈତିକ ଭାଗିଦାରୀ ଅଧିକ ସଶକ୍ତ ହେବ ବୋଲି ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି।

ଦୁଇଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ଆଜି ଦ୍ୱିତୀୟ ବାର୍ଷିକ ଇନିସିଏଟିଭ୍ ଅନ୍ କ୍ରିଟିକାଲ ଆଣ୍ଡ ଇମର୍ଜିଂ ଟେକ୍ନୋଲୋଜି– ଆଇସିଇଟି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ଡୋଭାଲ ଏବଂ ଶ୍ରୀ ସୁଲିଭାନ୍ ଭାରତ-ଆମେରିକା ରଣନୈତିକ ସମ୍ପର୍କକୁ ସମୀକ୍ଷା କରିବା ସହିତ ଏହାକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋଚନା କରିଛନ୍ତି।

ଦୁଇ ଦେଶର ସରକାର ବ୍ୟବସାୟିକ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ରଣନୈତିକ ଜ୍ଞାନକୌଶଳ ଭାଗିଦାରୀ ଏବଂ ପ୍ରତିରକ୍ଷା ଶିଳ୍ପ ସହଯୋଗକୁ ଅଧିକ ସୁସଂହତ  ତଥା ବ୍ୟାପକ କରିବା ଉଦ୍ଦେଶ୍ୟରେ ୨୦୨୨ ମେ' ମାସରେ ରାଷ୍ଟ୍ରପତି ଜୋ' ବାଇଡେନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ- ଆମେରିକା' ଆଇସିଇଟି ସମ୍ପର୍କରେ ଘୋଷଣା କରିଥିଲେ।

## ଅମିତ ଶାହା-ମଣିପୁର

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମଣିପୁରର ସୁରକ୍ଷାସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା, ଗୁଇନ୍ଦା ମୁଖ୍ୟ ତପନ ଡେକ୍କା, ସେନାବାହିନୀ ଅଧ୍ୟକ୍ଷ ମନୋଜ ପାଣ୍ଡେ, ମନୋନୀତ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ମଣିପୁରର ପୁଲିସ ମହାନିର୍ଦ୍ଦେଶକ ରାଜବୀ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

## ବିଜେପି ଷ୍ଟେଟ୍ ଇଲେକସନ୍

ମହାରାଷ୍ଟ୍ର, ହରିୟାଣା, ଝାଡ଼ଖଣ୍ଡ ଏବଂ ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ହେବାକୁ ଥିବା ଦୃଷ୍ଟିରୁ ବିଜେପି ପକ୍ଷରୁ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଲାଗି ପ୍ରଭାରୀ ଏବଂ ସହ-ପ୍ରଭାରୀଙ୍କ ନାମ ଘୋଷଣା

କରାଯାଇଛି । ମହାରାଷ୍ଟ୍ର ନିର୍ବାଚନ ଲାଗି ଦଳର ବରିଷ୍ଠ ନେତା ଭୂପେନ୍ଦ୍ର ଯାଦବଙ୍କୁ ରାଜ୍ୟ ପ୍ରଭାରୀ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ସହପ୍ରଭାରୀ ଭାବେ ନିଯୁକ୍ତି ମିଳିଛି । ସେହିଭଳି ଅନ୍ୟତମ ନେତା ଧର୍ମେନ୍ଦ୍ର ପ୍ରଧାନ ଓ ବିପ୍ଲବ କୁମାର ଦେବଙ୍କୁ ହରିୟାଣା ଦାୟିତ୍ୱ ଦିଆଯାଇଛି । ଶିବରାଜ ସିଂ ଚୌହ୍ୱାନ, ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲାଗି ପ୍ରଭାରୀ ହୋଇଥିବା ବେଳେ ସହ-ପ୍ରଭାରୀ ଭାବେ ହିମନ୍ତ ବିଶ୍ୱଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାଛଡ଼ା ବରିଷ୍ଠ ନେତା ଜି.କିଶନ ରେଡ୍ଡୀଙ୍କୁ ଦଳ ପକ୍ଷରୁ ଜାମ୍ମୁ-କାଶ୍ମୀରର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି ।

## ଟେରରିଷ୍ଟ ଏନ୍‌କାଉଣ୍ଟର

ଉତ୍ତର-କାଶ୍ମୀରର ବାନ୍ଦୀପୋରା ଜିଲ୍ଲା ଅନ୍ତର୍ଗତ ଆରାଗାମ୍ ଗ୍ରାମରେ ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଜଣେ ସନ୍ତ୍ରାସବାଦୀର ମୃତ୍ୟୁ ହୋଇଛି । ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ସମ୍ପୃକ୍ତ ଅଞ୍ଚଳରେ ସନ୍ତ୍ରାସବାଦୀ ଲୁଚିଥିବା ଖବର ପାଇବା ପରେ ସେନାବାହିନୀ, ରାଜ୍ୟ ପୁଲିସ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀର ମିଳିତ ଏକ ଟିମ୍ ସେହି ସ୍ଥାନକୁ ଘେରାଉ କରିବା ସହିତ ସର୍ଚ୍ଚ ଅପରେସନ୍ ଜାରି ରଖିଥିଲା । ତେବେ ସୁରକ୍ଷା କର୍ମୀଙ୍କର ଏହି ମିଳିତ ଟିମ୍ ସନ୍ତ୍ରାସବାଦୀ ଲୁଚିଥିବା ସ୍ଥାନକୁ ଅଗ୍ରସର ହେଉଥିବା ବେଳେ ଦ୍ୱିପକ୍ଷୀୟ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଫଳରେ ଜଣେ ସନ୍ତ୍ରାସବାଦୀର ମୃତ୍ୟୁ ହୋଇଥିବା ପୁଲିସ କହିଛି ।

## ଏନ୍‌ଆଇଏ ତଦନ୍ତ

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଜମ୍ମୁ-କାଶ୍ମୀରରେ ଗତ କିଛି ଦିନ ତଳେ ଏକ ଯାତ୍ରୀବାହୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)କୁ ହସ୍ତାନ୍ତର କରାଯାଇଛି । ଆଜି ଏନ.ଆଇ.ଏ ପକ୍ଷରୁ ଏହି ବୟାନ୍ ଜାରି ହୋଇଛି ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଲଗାତାର ଦୁଇଟି ବୈଠକରେ ଜମ୍ମୁ-କାଶ୍ମୀରରେ ସୁରକ୍ଷା ସ୍ଥିତି ଏବଂ ବାର୍ଷିକ ଅମରନାଥ ଯାତ୍ରା ପ୍ରସ୍ତୁତିର ସମୀକ୍ଷା ର ଦିନକ ପରେ ଏହି ନିଷ୍ପତି ନିଆଯାଇଛି । ଏଠାରେ ସୂଚନା ଦିଆଯାଇପାରେ ଗତ ୯ ତାରିଖରେ ଜମ୍ମୁ-କାଶ୍ମୀରର ଶିବଖୋଡି ଅଭିମୁଖେ ଯାଉଥିବା ଏହି ତୀର୍ଥଯାତ୍ରୀ ବସ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ । ଫଳରେ ତିନି ମହିଳା ସମେତ ୯ ଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣାରେ ୪୧ ଜଣ ଆହତ ହୋଇଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ ‘ପବ୍ଲିକ୍ ସ୍ପିକ୍’ରେ ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି ‘ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଯୋଗ’ । ଏଥିରେ ଯୋଗ ବିଶେଷଜ୍ଞ ଡାକ୍ତର ସୁରକ୍ଷିତ ଗୋସ୍ୱାମୀ ଏବଂ ମୋରାଜୀ ଦେଶାଇ ଜାତୀୟ

ଯୋଗ ପ୍ରତିଷ୍ଠାନର ଯୋଗ ଥେରାପିର ପ୍ରୋଗ୍ରାମ ଅଧିକାରୀ ଡକ୍ଟର ଈଶ୍ୱର ଏନ୍ ଆଚାର୍ଯ୍ୟ ଅଂଶଗ୍ରହଣ କରି ଶ୍ରୋତାମାନଙ୍କର ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବେ।

ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ମାଧ୍ୟମରେ ଶ୍ରୋତା ସିଧାସଳଖ ପ୍ରଶ୍ନ କରିପାରିବେ। ସେହିପରି ୯୨୮୯୦୯୪୦୪୪ ନମ୍ବରକୁ ମଧ୍ୟ ହ୍ୱାଟସଆପ୍ ମାଧ୍ୟମରେ ପ୍ରଶ୍ନ ପଚରାଯାଇ ପାରିବ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ ଚ୍ୟାନେଲ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସି ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯିବ। ଏହାବ୍ୟତୀତ, ଏହି କାର୍ଯ୍ୟକ୍ରମ ଆମ ୱେବସାଇଟ **air.gov.in** ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ **newsonair** ଅଫିସିଆଲ ଆପ୍‌ରେ ମଧ୍ୟ ଉପଲବ୍ଧ ହେବ।